# NATIONAL NEWS BULLETIN (ODIA)

**4 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗ୍ରାମାଞ୍ଚଳ ଅଭିବୃଦ୍ଧି ଏବଂ ଏହାକୁ ସଶକ୍ତ କରିବାରେ ସରକାରଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ

–ନୂଆଦିଲ୍ଲୀଠାରେ ଗ୍ରାମୀଣ ଭାରତ ମହୋତ୍ସବ-୨୦୨୫କୁ କଲେ ଉଦ୍‌ଘାଟନ

- ଭାରତର ଗ୍ରାମୀଣ ଦାରିଦ୍ର୍ୟ ହାର ଗତ ଆର୍ଥିକବର୍ଷରେ ୪ ଦଶମିକ ୮/୬ ପ୍ରତିଶତକୁ ହ୍ରାସ

- ଆଜି ପାଳନ କରାଯାଉଛି ବିଶ୍ୱ ବ୍ରେଲି ଦିବସ ।

- ଗାଜା ଉପତ୍ୟକାରେ ସଂପୂର୍ଣ୍ଣ ଅସ୍ତ୍ରବିରତି ଲକ୍ଷ୍ୟ ନେଇ କାତାରର ଦୋହାଠାରେ ଚାଲିଛି ଆଲୋଚନା

ଏବଂ

- ସିଡ୍‌ନୀ ଟେଷ୍ଟରେ ଆଜି ଦିନର ଖେଳ ଶେଷ ସୁଦ୍ଧା ଭାରତ ତା'ର ଦ୍ୱିତୀୟ ଇନିଂସରେ ୬ ୱିକେଟ୍‌ରେ ସଂଗ୍ରହ କରିଛି ୧୪୧ ରନ୍

## ପିଏମ୍-ଗ୍ରାମୀଣ ମହୋତ୍ସବ

ଗ୍ରାମାଞ୍ଚଳର ଅଭିବୃଦ୍ଧି ଏବଂ ଏହାକୁ ସଶକ୍ତ କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀଠାରେ ଆଜି ଗ୍ରାମୀଣ ଭାରତ ମହୋତ୍ସବ ୨୦୨୫କୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗ୍ରାମବାସୀଙ୍କୁ ସମ୍ମାନଜନକ ଜୀବନ ଅତିବାହିତ କରିବାର ପ୍ରାଥମିକତା ସରକାର ପ୍ରଦାନ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ପ୍ରତ୍ୟେକ ଗାଁରେ ମୌଳିକ ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବା ପାଇଁ ଏକ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି । ଗ୍ରାମାଞ୍ଚଳକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ ସମେତ ସରକାରଙ୍କ ସମସ୍ତ ପଦକ୍ଷେପ ଗ୍ରାମାଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ଦେଢ଼ଲକ୍ଷରୁ ଅଧିକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଲୋକମାନେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି । ଡିଜିଟାଲ୍ ଜ୍ଞାନକୌଶଳ ସହାୟତାରେ ଦେଶର ଶ୍ରେଷ୍ଠ ଡାକ୍ତର ଏବଂ ହସ୍ପିଟାଲ ଗୁଡ଼ିକ ସହ ଗ୍ରାମାଞ୍ଚଳକୁ ଯୋଡ଼ାଯାଇ ପାରିଛି ।

ଫଳରେ ଗ୍ରାମବାସୀ ଟେଲିମେଡିସନ୍‌ର ସୁବିଧା ପାଇପାରୁଛନ୍ତି । ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଗ୍ରାମୀଣ ଜନସଂଖ୍ୟାର ପ୍ରତ୍ୟେକ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ଲାଗି ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି :

**V/O**

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ଆଉ ୧ବର୍ଷ ପର୍ଯ୍ୟନ୍ତ ଜାରି ରଖିବାକୁ କେନ୍ଦ୍ର କ୍ୟାବିନେଟ୍ ଇତିମଧ୍ୟରେ ଅନୁମୋଦନ କରିଛି ବୋଲି ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ଏହିଭଳି ମହୋତ୍ସବ ଭାରତରେ ଗ୍ରାମୀଣ ବିକାଶ ଯାତ୍ରାକୁ ପ୍ରତିପାଦନ କରୁଛି । ଏଭଳି ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ' ନାବାର୍ଡ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଭାରତମଣ୍ଡପମ୍ ଠାରେ ଚାଲିଥିବା ଏହି ମହୋତ୍ସବର ଶୀର୍ଷକ ରହିଛି **୨୦୪୭ ବିକଶିତ ଭାରତ ଗଠନ**

**ପାଇଁ ସଶକ୍ତ ଗ୍ରାମୀଣ ବ୍ୟବସ୍ଥା ।**

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଗରିବ, କୃଷକ, ଯୁବବବର୍ଗ ଏବଂ ମହିଳାଙ୍କ କଲ୍ୟାଣ ଓ ଆର୍ଥିକ ସଶକ୍ତିକରଣ ଦିଗରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

ଏହି ମହୋତ୍ସବରେ ଆଦିବାସୀ ଏବଂ ଉତ୍ତର-ପୂର୍ବାଞ୍ଚଳର ଉତ୍ପାଦଗୁଡ଼ିକୁ ନେଇ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ବିଭିନ୍ନ କ୍ଷେତ୍ରର ସରକାରୀ ଅଧିକାରୀ, ଗ୍ରାମୀଣ ଉଦ୍ୟୋଗୀ, କାରିଗର ଏବଂ ଅଂଶୀଦାରମାନଙ୍କୁ ଏକାଠୀ କରି ସହଯୋଗୀ ଓ ସାମୂହିକ ଗ୍ରାମୀଣ ପରିବର୍ତ୍ତନ ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ । ଉତ୍ତର-ପୂର୍ବ ଭାରତ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିବା ସହ ଗ୍ରାମବାସୀଙ୍କ ମଧ୍ୟରେ ଅର୍ଥନୈତିକ ସ୍ଥିରତା ଓ ଆର୍ଥିକ ନିରାପତ୍ତାକୁ ପ୍ରୋତ୍ସାହନ ପ୍ରଦାନ

କରିବାରେ ଏହି ମହୋତ୍ସବ ବିଶେଷ ସହାୟକ ହେବ । ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

---

## ଗ୍ରାମୀଣ ଭାରତ

ଗତ ୨୦୨୩-୨୪ ଆର୍ଥିକବର୍ଷରେ ଭାରତର ଗ୍ରାମୀଣ ଦାରିଦ୍ର୍ୟ ହାର ୪ ଦଶମିକ ୮/୬ ପ୍ରତିଶତକୁ ହ୍ରାସ ପାଇଛି । ୨୦୧୧-୧୨ ଆର୍ଥିକବର୍ଷରେ ଏହା ୨୫ ଦଶମିକ ୭ ପ୍ରତିଶତ ରହିଥିଲା । ଭାରତୀୟ ଷ୍ଟେଟବ୍ୟାଙ୍କର ଉପଭୋକ୍ତା ବ୍ୟୟ ସର୍ଭେ ରିପୋର୍ଟରେ ଏହି ସୂଚନା ଦିଆଯାଇଛି । ସହରାଞ୍ଚଳର ଦାରିଦ୍ର୍ୟ ହାର ଗତ ୧୨ ବର୍ଷରେ ୧୩ ଦଶମିକ ୭ ପ୍ରତିଶତରୁ ୪ ଦଶମିକ ୦/୯ ପ୍ରତିଶତକୁ ହ୍ରାସ ପାଇଛି । ଉପଭୋକ୍ତା ଅଭିବୃଦ୍ଧି ଏବଂ ସରକାରୀ ସହାୟତା କାରଣରୁ ଏଭଳି ସଫଳତା ମିଳିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଜନଗଣନା ରିପୋର୍ଟ ପ୍ରକାଶ ପାଇବା ପରେ ଏହି ହାର ହ୍ରାସ ପାଇବାର ସମ୍ଭାବନା ରହିଥିବା ରିପୋର୍ଟରେ କୁହାଯାଇଛି ।

ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟ ସ୍ତରକୁ ଲକ୍ଷ୍ୟ କଲେ ଦେଶରେ ଦାରିଦ୍ର୍ୟ ହାର ବର୍ତ୍ତମାନ ୪ରୁ ୪ ଦଶମିକ ୫ ପ୍ରତିଶତ ମଧ୍ୟରେ ରହିପାରେ । ଗ୍ରାମୀଣ ଏବଂ ସହରାଞ୍ଚଳ ମାସିକ ମୁଣ୍ଡପିଛା ବ୍ୟବହାର ଖର୍ଚ୍ଚ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୬୯ ଦଶମିକ ୭ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୨୦୦୯-୧୦ ଆର୍ଥିକ ବର୍ଷରେ ୮୨ ଦଶମିକ ୨ ପ୍ରତିଶତ ରହିଥିଲା । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ଗ୍ରାମୀଣ ଭିତ୍ତିଭୂମିର ବିକାଶ, କୃଷକଙ୍କ ଆୟ ବୃଦ୍ଧି ଏବଂ ଗ୍ରାମୀଣ ଜୀବିକାରେ ଉନ୍ନତି ସଂକ୍ରାନ୍ତ ସରକାରୀ ପଦକ୍ଷେପ ଯୋଗୁଁ ଏଭଳି ସଫଳତା ମିଳିଥିବା ରିପୋର୍ଟରେ କୁହାଯାଇଛି ।

---

## ବ୍ରେଲି ଡେ

ଦୃଷ୍ଟିହୀନ ଏବଂ ଆଂଶିକ ଦୃଷ୍ଟିଦୋଷ ଥିବା ଲୋକଙ୍କ ପାଇଁ ଯୋଗାଯୋଗର ମାଧ୍ୟମ ଭାବେ ବ୍ରେଲିର ମହତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବ୍ରେଲି ର ପ୍ରଚଳନ ସଂପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଉଛି । ବ୍ରେଲି ଲିପିର ଉଦ୍ଭାବକ ଲୁଇସ୍ ବ୍ରେଲିଙ୍କ ଜନ୍ମଦିନକୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜାନୁଆରୀ ୪ ତାରିଖକୁ ବିଶ୍ୱ ବ୍ରେଲି ଦିବସ ଭାବେ ପାଳନ କରାଯାଉଛି । ୨୦୧୮ ମସିହାରେ ମିଳିତ ଜାତିସଂଘ ସାଧାରଣସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ଅତିକମ୍‌ରେ ୧ ବିଲିୟନ ଲୋକଙ୍କର ଦୁର୍ବଳ ଦୃଷ୍ଟିଶକ୍ତି ରହିଛି । ଭାରତରେ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଅଧିକାର, ଶିକ୍ଷା, ରୋଜଗାର ଏବଂ ସାମଗ୍ରିକ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ଜାତୀୟ ଦୃଷ୍ଟିହୀନ ବ୍ୟକ୍ତି ସଶକ୍ତିକରଣ ପ୍ରତିଷ୍ଠାନ ଦୃଷ୍ଟିହୀନଙ୍କ ପାଇଁ ଆଦର୍ଶ ବିଦ୍ୟାଳୟ ଓ ବ୍ରେଲି ବିକାଶ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି ।

## ଗାଜା-ଇସ୍ରାଏଲ୍

ଗାଜା ଉପତ୍ୟକାରେ ସଂପୂର୍ଣ୍ଣ ଅସ୍ତ୍ର ବିରତି ଲକ୍ଷ୍ୟ ହାସଲ ପାଇଁ କାତାରର ଦୋହା ଠାରେ ଇସ୍ରାଏଲ୍ ଓ ହମାସ ମଧ୍ୟରେ ଆଲୋଚନା ଚାଲିଛି । ହମାସ ପକ୍ଷରୁ ଏ ସଂପର୍କରେ ମିଳିଥିବା ସୂଚନା ଅନୁଯାୟୀ, ଏକ ବ୍ୟାପକ ଏବଂ ସ୍ଥାୟୀ ଅସ୍ତ୍ରବିରତି ହାସଲ ତଥା ଗାଜାରୁ ଇସ୍ରାଏଲ୍ ସୈନ୍ୟ ପ୍ରତ୍ୟାହାରକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ଆଲୋଚନା ଚାଲିଛି ।

ବିସ୍ଥାପିତ ପାଲେଷ୍ଟାଇନ୍‌ଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ମଧ୍ୟ ଏହି ଆଲୋଚନାର ଅନ୍ୟ ଏକ ଉଦ୍ଦେଶ୍ୟ । ଇସ୍ରାଏଲ୍ ପକ୍ଷରୁ ଆଲୋଚନାରେ ଅଂଶ ଗ୍ରହଣ କରିବା ଲାଗି ଦୋହାକୁ ଏକ ପ୍ରତିନିଧିମଣ୍ଡଳ ଗସ୍ତ କରିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ମୋଶାଦ, ସିନବେଟ ଏବଂ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀର ଅଧିକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ଏହି ଆଲୋଚନାରେ ଇସ୍ରାଏଲ୍ ପକ୍ଷରୁ ଅଂଶ ଗ୍ରହଣ କରୁଛନ୍ତି । କାତାର, ଇଜିପ୍ଟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ମଧ୍ୟସ୍ଥତାରେ ଏହି ଆଲୋଚନା ଗତ ୧ ବର୍ଷରୁ ଅଧିକ ସମୟ ଧରି ଚାଲିଛି ।

ଅନ୍ୟପକ୍ଷରେ ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ହମାସ୍ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଚୁକ୍ତିରେ ରାଜି ନ ହେଲେ, ଗାଜାରେ ଇସ୍ରାଏଲ୍ ପକ୍ଷରୁ ସାମରିକ ଅଭିଯାନ ଜାରି ରହିବ ।

---

# ଇୟର ଏଣ୍ଡର

ଆକାଶବାଣୀ ସମ୍ବାଦ ସେବା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୂଚନା ମାଧ୍ୟମରେ ଗତବର୍ଷ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ପ୍ରମୁଖ ପଦକ୍ଷେପ ଗୁଡ଼ିକ ସଂପର୍କରେ ଆଲୋକପାତ କରାଯାଉଛି ।

ଇସ୍ପାତ ଶିଳ୍ପ କ୍ଷେତ୍ରରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଏବଂ ଲକ୍ଷ୍ୟ ହାସଲ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ୧୫ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ସବୁଜ ଇସ୍ପାତ ମିଶନ ପ୍ରସ୍ତୁତ କରାଯାଇଛି । ଶିଳ୍ପ ପରିବେଶରେ ନିରନ୍ତର ଅଭିବୃଦ୍ଧି ପାଇଁ ସରକାର ଅନେକ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଘରୋଇ ଇସ୍ପାତ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କମ୍ପାନୀଗୁଡ଼ିକ ପାଇଁ ଇ.ଏଲ୍.ଆଇ.ସି. ଯୋଜନା ଅଧୀନରେ ୨୭ ହଜାର

କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ଗତ ଅକ୍ଟୋବର ମାସ ସୁଦ୍ଧା ୧୭ ହଜାର କୋଟିରୁ ଅଧିକ ଟଙ୍କା ବିନିୟୋଗ କରାଯାଇ ୮ ହଜାର ୬୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । ଶିଳ୍ପର ସବୁଜ ପରିବର୍ତ୍ତନକୁ ସହଜ କରିବା ଲକ୍ଷ୍ୟରେ ଦେଶରେ ବୃହତ ଇସ୍ପାତ କାରଖାନା ଗୁଡ଼ିକ ପାଇଁ ମାନକ ପ୍ରସ୍ତୁତ ଏବଂ ଗୁଣବତ୍ତା ବଜାୟ ରଖିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

---

# କ୍ରିକେଟ୍

ସିଡ୍‌ନୀ ଟେଷ୍ଟ୍‌ରେ ଭାରତ ତା'ର ଦ୍ୱିତୀୟ ଇନିଂସରେ ଆଜି ଖେଳ ଶେଷ ସୁଦ୍ଧା ୬ ଓ୍ୱିକେଟ୍ ବିନିମୟରେ ୧୪୧ ରନ୍ ସଂଗ୍ରହ କରିଛି । ରବିନ୍ଦ୍ର ଜାଡ଼େଜା ୮ ରନ୍ ଏବଂ ଓ୍ୱାଶିଂଟନ୍ ସୁନ୍ଦର ୬ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ରିଷଭ ପନ୍ଥ ଦଳପକ୍ଷରୁ ସର୍ବାଧିକ ୬୧ ରନ୍ ସଂଗ୍ରହ କରିଥିଲେ ।

ଆଜିର ଦ୍ୱିତୀୟ ଦିନର ଖେଳ ଅଷ୍ଟ୍ରେଲିଆ ଗତକାଲିର ଅମୀମାଂସିତ ପ୍ରଥମ ଇନିଂସ ୧ ଓ୍ୱିକେଟ୍ ୯ ରନ୍‌ରୁ ଆରମ୍ଭ କରିଥିଲା। ସମସ୍ତ ଓ୍ୱିକେଟ୍ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଓ୍ୱେବ୍‌ଷ୍ଟର୍ ୫୭ ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ଶିରାଜ ଏବଂ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ଯଶପ୍ରୀତ ବୁମ୍‌ରା ଏବଂ ନୀତିଶ ରେଡ୍ଡୀ ଦୁଇଟି ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ । ଭାରତ ପ୍ରଥମ ଇନିଂସରେ ସମସ୍ତ ଓ୍ୱିକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରିଥିଲା ।

---